# Akashvani, Sambalpur

# SAMBALPURI NEWS EVENING BULLETIN

## 13 September 2026-7.02- 7.12 pm.

---

୧- ନୂଆଦିଲ୍ଲୀନ ଚାଲିଥିବା ୧୮ ନମ୍ବର୍ ବ୍ରିକ୍ସ ଶିଖର୍ ସମ୍ମିଳନୀ ଆଏଜ୍ ହେଲା ଉଦ୍‌ଯାପିତ ।

- ବ୍ରିକ୍ସ ସମ୍ମିଳନୀଥି ଗୃହୀତ ହେଇଥିବା 'ନୂଆଦିଲ୍ଲୀ ଘୋଷଣାନାମା' ମିଳିତ ଦୂରଦୃଷ୍ଟି ଆଉ ଭବିଷ୍ୟତ୍‌ର ସହଯୋଗ ଲାଗି ଦେବା ସ୍ୱଷ୍ଟ ଦିଗ୍‌ଦର୍ଶନ୍ କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ସଂଯୁକ୍ତ ଆରବ୍ ଏମିରେଟ୍ସ ନ ନିବେଶକ୍ ସମ୍ମିଳନୀ ଶେଷ୍ କରିକରି ଓଡ଼ିଶା ଫିର୍‌ଲେ ମୁଖ୍ୟମନ୍ତ୍ରୀ ।

- କହେଲେ ୧୬ ଟା ବୁଝାମଣାପତ୍ର ସହେତେ ୨ ଲାଖ୍ ୪୩ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ମିଳିଛେ ପୁଞ୍ଜି ପ୍ରସ୍ତାବ୍ ।

୩- ଆର୍ ଦିନେ ଉତ୍‌ରୁ ପଶ୍ଚିମ ଓଡ଼ିଶା ନ ପାଲନ୍ ହେବା କୃଷିଭିତିକ୍ ଗଣପର୍ବ ନୂଆଖାଇ- ଜୋର୍‌ସୋର୍‌ଥି ଚାଲିଛେ ପ୍ରସ୍ତୁତି ।

ଆଉର୍

୪- ଲଘୁଚାପ୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲାନ ହେଇପାରେ ଧୁକାଗଡ଼ି ସାଙ୍ଗେ ବର୍ଷା ।

ବ୍ରିକ୍ସ ସମ୍ମିଳନୀ		ଆର୍‌ଏନ୍‌ୟୁ/ କଟକ୍

ବ୍ରିକ୍ସ ସମ୍ମିଳନୀଥି ନିଆଯାଇଥିବା ସବୁ ନିଷ୍ପତିକେ ସମାଜ୍‌ର ଶେଷ୍ ଧାଡ଼ିଥି ଥିବା ଲୁକ୍‌କର୍ ନ ପହଂଚାବାର୍‌କେ ସମିଆ ଜାନି କାର୍ଯ୍ୟାନୁଷ୍ଠାନ୍‌ର ଆବଶ୍ୟକତାକେ ନେଇକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୋର୍ ଦେଇଛନ୍ । ନୂଆଦିଲ୍ଲୀ ନ ହେଇଥିବା ୨ ଦିନିଆ ୧୮ ନମ୍ବର୍  ବ୍ରିକ୍ସ ଶିଖର୍ ସମ୍ମିଳନୀର୍ ଉଦ୍‌ଯାପନୀ ଦିବସଥି ପ୍ରଧାନମନ୍ତ୍ରୀ ସମାବେଶୀ ବିକାଶର ଭବିଷ୍ୟତ ନିର୍ମାଣ ଲାଗି ସହନଶୀଲତା, ନବସୃଜନ, ସମନ୍ୱୟ ଆର୍ ନିରନ୍ତର ବିକାଶ ବାବ୍‌ଦେ ହେଇଥିବା ଅଧିବେଶନକେ ସମ୍ବୋଧିତ କରି କରି କହିଛନ୍ ବ୍ରିକ୍ସ ଖାଲି କେତେଟା ଦେଶର ସମୂହ ନୁହେଁ, ଇଟା ପୁର୍‌ଥିର୍ ଭିନ୍ ଭିନ୍ ସମସ୍ୟା ସମାଧାନ୍‌ର ଗୁଟେ ମାଧ୍ୟମ୍ ଆଏ । ବ୍ରିକ୍ସ ସମ୍ମିଳନୀଥି ଗୃହୀତ ହେଇଥିବା 'ନୂଆଦିଲ୍ଲୀ ଘୋଷଣାନାମା' ମିଳିତ ଦୂରଦୃଷ୍ଟି ଆଉ ଭବିଷ୍ୟତ୍‌ର ସହଯୋଗ ଲାଗି ସ୍ପଷ୍ଟ ଦିଗ୍‌ଦର୍ଶନ୍ ଦେବା ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ମହାମାରୀ ଆଉ ଜଳବାୟୁ ବିପର୍ଯ୍ୟୟ ବାଗିର୍ ବୈଶ୍ୱିକ ସଙ୍କଟ୍‌ର ମୁକାବିଲା ଲାଗି ବ୍ରିକ୍ସ ଦେଶମାନ୍‌କର୍ ଭିତ୍‌ରେ ସ୍ଥିରତା ଆଉ ସହଯୋଗ ବଢ଼ାବାର୍ ଉପରେ ଜୋର୍ ଦିଆଯାଇଛେ । ଇଥିର୍‌ଲାଗି ଗୁଟେ 'ସମନ୍ୱିତ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା' ଉପରେ ସହମତି ମିଳିଛେ ।

ପ୍ରଯୁକ୍ତି ବିଦ୍ୟା ଆଉ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକେ ଅସ୍ତ୍ର ହିସାବେ ବେଭାର ନାଇଁ କରି କରି ଇତାର୍ ସମାବେଶୀ ବେଭାର ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ ।

ଇତାର୍‌ସହେତେ ବ୍ରିକ୍ସ ଏମ୍‌ଏସ୍‌ଏମ୍‌ଇ ପୋର୍ଟାଲ, ଅର୍ବାନ୍ ମୋବିଲିଟି ହଲ୍, ଡିଜିଟାଲ ସେଂଟର ଅଫ୍ ଏକ୍ସଲେନ୍ସ ଆର୍ ଚାଷୀମାନ୍‌କର୍ ଲାଗି ଡିଜିଟାଲ କୃଷି ନେଟଓ୍ୱର୍କ ବାଗିର୍ ପ୍ରସ୍ତାବ ଦିଆଯାଇଛେ । ସମ୍ମିଳନୀଥି ବ୍ରିକ୍ସ ରାଷ୍ଟ୍ର ସମୂହର ନେତୃବୃନ୍ଦଙ୍କ ସହେତେ ମାଲେସିଆ, ଭିଏତ୍‌ନାମ, ସାଉଦୀଆରବ ଆର୍ ଜାତିସଂଘର ମହାସଚିବମାନ୍‌କର୍ ସହେତେ ୧୦ଟା ସହଭାଗୀ ଦେଶର ନେତାମାନେ ଯୋଗ ଦେଇଥିଲେ । ବ୍ରିକ୍ସ ସମ୍ମିଳନୀଥି ଯୋଗଦେଇଥିବା ନେତୃବୃନ୍ଦମାନ୍‌କୁ ପ୍ରଧାନମନ୍ତ୍ରୀ ମୋଦୀ ଧନ୍ୟବାଦ ଜନାବାର୍ ସହେତେ ପରବର୍ତ୍ତୀ ଅଧକ୍ଷ ଭାବେ ଚୀନ୍‌କେ ଶୁଭେଚ୍ଛା

ଜଣେଇଛନ୍ । ପ୍ରଧାନମନ୍ତ୍ରୀ ଆଏଜ୍ ଉଦ୍‌ଯାପନୀ ଦିବସଥି ଭିନ୍ ଭିନ୍ ରାଷ୍ଟ୍ରର ଶୀର୍ଷ ନେତୃତ୍ୱଙ୍କର୍ ସାଙ୍ଗେ ଦ୍ୱିପାକ୍ଷିକ ବୈଠକ କରିଥିଲେ ।

ମୁଖ୍ୟମନ୍ତ୍ରୀ- ୟୁଏଇ ଆଇ.ଆଣ୍ଡ୍.ପି.ଆର୍

ସଂଯୁକ୍ତ ଆରବ୍ ଏମିରେଟ୍ସ ନ ଚାଲିଥିବା ୩ ଦିନିଆ ଓଡ଼ିଶା ନିବେଶକ୍ ସମ୍ମିଲନୀ ଶେଷ୍ କରିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଓଡ଼ିଶା ଆଏଜ୍ ଫିରିଛନ୍ । ଭୁବନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବାର୍ ଉତ୍ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମ୍‌କେ ନିବେଶକ୍ ସମ୍ମିଲନୀର୍ ସଫଲତା ବାବ୍‌ଦେ ପ୍ରତିକ୍ରିୟା ରଖିକରି କହିଛନ୍, ଆବୁଧାବି ଆଉ ଦୁବାଇ ନ ହେଇଥିବା ସମ୍ମିଲନୀଥି ୧୬ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ମୋଟ୍ ୨ ଲାଖ୍ ୪୩ ହଜାର୍ ଶହେ ୬୨ କୋଟି ଟଙ୍କାର୍ ପୁଞ୍ଜିପ୍ରସ୍ତାବ୍ ମିଳିଛେ । ଇଥିର୍‌ଲାଗି ୬ ଲାଖ୍ ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ତିଆର୍ ହେବାର୍ ସମ୍ଭାବନା ରହିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଏଜେ ଅଏତ୍‌କାନୁ ନୁ ଅଏତ୍‌କା ନିବେଶ୍ ଆଉ ନିଯୁକ୍ତି ତିଆର୍ କର୍‌ବାର୍ ସର୍‌କାର୍‌ଙ୍କର୍

ମୁଲ୍ ଉଦ୍ଦେଶ୍ୟ ଆଏ । ଓଡ଼ିଶା ଲାଗି ନିବେଶକ୍ମାନ୍କର୍ ବଢୁଥିବା ଆସ୍ଥା, ସମୃଦ୍ଧ ଓଡ଼ିଶାର୍ ବିକାଶ୍ ଯାତ୍ରାକେ ଅଏତ୍କା କ୍ରିୟାଶୀଳ କର୍ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସେବା ସଂକଳ୍ପ ଅଭିଯାନ ଆଇ.ଆଣ୍ଡ୍.ପି.ଆର୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୨୫ ବଛର୍ର ଜନସେବା ନୁ ପ୍ରେରଣା ନେଇକରି ସାରା ଦେଶେ ମୁଲ୍ ହଉଥିବା ସେବା ସଂକଳ୍ପ ଅଭିଯାନ୍କେ ରାଏଜେ ଗୁଟେ ବ୍ୟାପକ୍ ଜନସେବା ଅଭିଯାନ୍ କରାଯିବା । ସେବାକେ ଖାଲି ଗୁଟେ କାର୍ଯ୍ୟକ୍ରମ୍ଥି ସିମିତ୍ ନାଇଁ ରଖିକରି ଇତାକେ ଜନଭାଗିଦାରୀର୍ ଗୁଟେ ଆନ୍ଦୋଲନ୍ ବନାବାର୍କେ ଗୃହନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଆହ୍ୱାନ୍ ଦେଇଛନ୍ । ଓଡ଼ିଶା ନ ଇ ଅଭିଯାନ୍କେ ସାଂଗଠନିକ୍ ଜିଲ୍ଲା ମଣ୍ଡଲ୍ ଆଉ ବୁଥ୍ ସ୍ତରତକ୍ ନେବାର୍ ସହେତେ ସମାଜ୍ର ଶେଷ୍ ଖେପେ ଥିବା ଲୁକ୍କର୍ ନିକେ ପୁହୁଁଚାବାର୍ ଉପ୍ରେ ଜୋର୍ ଦିଆଯିବା । ଇ ଅବ୍ସରେ ରକ୍ତଦାନ୍ ଶିବିର୍, ସ୍ୱଚ୍ଛତା ଅଭିଯାନ୍, ଶ୍ରମଦାନ୍,

ବୃକ୍ଷରୋପଣ୍, ଜନସଚେତନତା ଆଉ ଭିନ୍ ଭିନ୍ ସାମାଜିକ୍ ଆଉ ଜନକଲ୍ୟାଣ୍‌ମୂଲକ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜିତ୍ ହେବା । ଇତାର୍‌ସହେତେ ସ୍କୁଲ୍ ଆଉ କଲେଜ୍ ସ୍ତର୍ ନ ବିକଶିତ୍ ଭାରତ୍ -୨୦୪୭ ରାଷ୍ଟ୍ରନିର୍ମାଣ୍, ଜନସେବା ଆଉ ଯୁବଶକ୍ତି ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ ପ୍ରତିଯୋଗିତାମାନ୍ କରାଯିବା ।

ଜନଅଭିଯୋଗ ଶୁଣାଣି ଶିବିର ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବାକାଏଲ୍ ବନ୍ଦ୍ ରହେବା । ସର୍‌କାରୀ ଛୁଟି ଦିନ୍ ଥିବାର୍‌ନୁ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ୟୁନିଟ-୨ ଠାନେ ହେବାର୍‌କେ ଥିବା ଅଭିଯୋଗ୍ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ପରବର୍ତ୍ତୀ ଶୁଣାଣି ତାରିଖ୍ ସମ୍ବାଦପତ୍ର ଆଉ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନୂଆଖାଇ ସମ୍ବଲପୁର/ଢେଙ୍କାନାଲ୍ ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ କୃଷିଭିତିକ୍ ଗଣପର୍ବ ନୂଆଖାଇ ଆଏବା ମଙ୍ଗଲ୍‌ବାର୍ ଦିନ ପାଲନ୍ କରାଯିବା । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ନ ସଖାଲର୍ ୯ ବାଜିକରି ୪୦ ମିନିଟ୍‌ନୁ ୯ ବାଜିକରି ୫୪ ମିନିଟ୍ ଭିତ୍‌ରେ ନବାନ୍ନ ଲାଗି ହେବା । ଇତାର୍ ଆଗ୍‌ରୁ ମାଙ୍କର୍ ନିକେ ସରିଆ ଧାନ୍ ପୁହୁଁଚି ସାରିଛେ । ନୂଆଖାଇ ତିହାର୍ ଲାଗି ଘରେ ଘରେ ବ୍ୟାପକ୍ ପ୍ରସ୍ତୁତି ମୁଲ୍ ହେଇଥିବାର୍ ବେଲେ ମା ସମଲେଶ୍ୱରୀଙ୍କର୍ ମନ୍ଦିର୍ ନ ଭିଲ୍ ଜୋର୍‌ସୋର୍ ପ୍ରସ୍ତୁତି ଚାଲିଛେ । ସମଲେଶ୍ୱରୀ ପୀଠ ନ ମନ୍ଦିର୍‌ର ରଙ୍ଗ୍ କାମ୍ ସରିଥିବାର୍ ବେଲେ ଆଏଜ୍ ପାର୍ଶ୍ୱ ଦେବାଦେବୀଙ୍କୁ ସିନ୍ଦୁର୍ ଲଗାଯାଇଛେ । ସେନ୍ତା ମାଙ୍କର୍ ଅଲଙ୍କାର୍ ସଫା କାମ୍ ଭିଲ୍ ଆଏଜ୍ କରାଯିବା । ଆଏବା କାଏଲ୍ ଅଲ୍‌ଗା ପୂଜକମାନ୍‌କର୍ ପରିବାର୍‌କେ ନୂଆଁ ଧାନ୍ ଆସ୍‌ବା । ଇ ନୂଆଖାଇ ତିଆର୍ ସମ୍ବଲ୍‌ପୁର୍ ସହେତେ, ବର୍‌ଗଡ୍, ବଲାଙ୍ଗିର୍, ସୁନ୍ଦର୍‌ଗଡ୍, କଲାହାଣ୍ଡି, ଝାର୍‌ସୁଗୁଡ଼ା, ନୂଆପଡ଼ା, ବୌଦ୍ଧ, ଆଠ୍‌ମଲ୍ଲିକ୍ ବାଗିର୍ ଇଲାକାମାନ୍‌କେ ଉସତ୍ ଉସ୍‌ନାକି ସହେତେ ପାଲନ୍ କରାଯାଏସି ।

ଢେଙ୍କାନାଲ୍‌ର ଯୋରନ୍ଦା ନ ଥିବା ପ୍ରସିଦ୍ଧ ମହିମାଗାଦି ନ ଆଏଜ୍ ମହିମାଧର୍ମର୍ ବାବା ଆଉ ସାଧୁ ମାନ୍‌କୁ ନୂଆଖାଇ ଅବ୍‌ସରେ ପହେଲା ନବାନ୍ନ ପରିବେଷଣ୍ କରାଯାଇଛେ ।

ବର୍ଜ୍ୟବସ୍ତୁ ପରିଚାଳନା ଆର୍‌ଏନ୍‌ୟୁ/ କଟକ୍

ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ କଠିଣ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ୍ - ୨୦୨୬ ଲାଗୁ କରିଛନ୍ । ନୂଆଁ ନିୟମ୍‌ଥି ଉପ୍ତି ସ୍ଥଲ୍ ନ ଜଗ୍‌ଡ଼ାକେ ୪ ପ୍ରକାରେ ଭାଗ୍ କର୍‌ବାର୍‌ଟାକେ ବାଧ୍ୟତାମୂଳକ୍ କରାଯାଇଛେ । ଖୁଲା ଜାଗା ନ ଜଗ୍‌ଡ଼ା ଫିଙ୍କ୍‌ବାର୍ କି ତାହାକେ ଜଲାବାର୍ ଲାଗି ପରିବେଶ୍ ପ୍ରଦୂଷଣ୍ ହେସି । ହେଥିର୍‌ଲାଗି ଏନ୍ତା କାମ୍ ନୁ ଦୂରେ ରହେବାର୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ ଲୁକ୍‌କୁ ସଚେତନ୍ କରାଯାଉଛେ । ପ୍ଲାଷ୍ଟିକ୍ ଜଗ୍‌ଡ଼ା କମ୍ କର୍‌ବାର୍ ଲାଗି ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ କମାବାର୍ ସହେତେ ସଠିକ୍ ସଂଗ୍ରହ ଆଉ ପୁନଃ ଚକ୍ରଣ ଉପ୍‌ରେ ଜୋର୍ ଦିଆଯାଇଛେ । ନିୟମ୍ ଉଲ୍ଲଂଘନ୍ କ୍ଷେତ୍ରଥି ନୂଆଁ ନୀତି ଅନ୍‌ସାରେ କ୍ଷତିପୂରଣ୍

ଆଦାୟର ବ୍ୟବସ୍ଥା ରହିଛେ । ଜଗ୍‌ଡ଼ାକେ ଖାଲି ଆବର୍ଜନା ହିସାବେ ନାଇଁ ଦେଖିକରି ତାହାକେ ଫେର୍‌ଘାଏ ବେଭାର୍ ଆଉ ପୁନଃ ଚକ୍ରଣ ଜରିଏ ସମ୍ପଦ୍‌ଥି ବଦ୍‌ଲାବାର୍‌ଟା ହେଉଛେ ନୂଆଁ ନିୟମ୍‌ର ମୂଲ୍ ଲକ୍ଷ୍ୟ । ବର୍ଜ୍ୟବସ୍ତୁର ପୃଥକୀକରଣ୍ ଆଉ ଠିକ୍ ଭାବେ ନିଷ୍କାସନ୍ ଲାଗି ଗୁଟେ ସ୍ୱଚ୍ଛ, ସୁସ୍ଥ ଆଉ ସବୁଜ ଭାରତ୍ ଗଠନ୍ ସମ୍ଭବ୍ ହେଇପାର୍‌ବା ।

ନିକୁଞ୍ଜ ଲୀଳା ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ ନିକୁଞ୍ଜ ଲୀଳା ହେବା । ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍‌ରୁ ଶ୍ରୀମନ୍ଦିର୍ ନ ଚାଲିଥିବା ଶ୍ରୀକୃଷ୍ଣଙ୍କର୍ ଲୀଳାଥି ଆଏଜ୍ ସନ୍ଧ୍ୟାଧୂପ ଉତ୍‌ରୁ ଇ ସ୍ୱତନ୍ତ୍ର ବିଧି ପାଲନ୍ କରାଯିବା । ଭୁଦୋ ମାସର୍ ଉଜଲ୍ ପଖର୍ ଦ୍ୱିତୀୟା ତିଥି ଦିନ ରାମକୃଷ୍ଣ ନାଟମଣ୍ଡପ ନ ବିଜେ ହେବାର୍ ଉତ୍‌ରୁ ହରଚଣ୍ଡି ସାହି ଲୁକେ ଇ ସ୍ୱତନ୍ତ୍ର ଲୀଳା ପ୍ରସ୍ତାବ କର୍‌ବେ ।

ପୋଷଣ୍ ମାସ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁସ୍ଥ ଜୀବନ୍ ଲାଗି ସୁଷମ ଆଉ ପୌଷ୍ଟିକ୍ ଖାଏବାର୍ ଗୁରୁତ୍ୱ ବାବ୍‌ଦେ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ରାଏଜେ ଆଏବା ୯ ତାରିଖ୍‌ତକ୍ ପୋଷଣ୍ ମାସ ଜାରି ରହେବା । ଇ ଅବ୍‌ସରେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍, ପୋଷଣ ପ୍ରଦର୍ଶନୀ ଆଲୋଚନାଚକ୍ର ଆଉ ସ୍ୱାସ୍ଥ୍ୟ ଶିବିର୍‌ମାନ୍ ଆୟୋଜନ୍ କରାଯାଉଛେ । ଛୁଆମାନ୍‌କର୍ ସୁସ୍ଥ ବିକାଶ୍ ଆର୍ ମାନସିକ୍ ଆଉ ଶାରୀରିକ୍ ଅଭିବୃଦ୍ଧି ଲାଗି ପୋଷଣ୍ ଯୁକ୍ତ ଖାଏବାର୍ ର ଭୂମିକା ବହୁତ୍ ଜରୁରୀ ଆଏ । ମମତା-ପି.ଏମ୍.ଏମ୍.ଭି.ୱାଇ. ଯୋଜ୍‌ନା ମାତୃତ୍ୱର ଇ ଜରୁରୀ ସମିଆଥି ସାହାଜ୍ ଆଉ ସଚେତନତା ସୃଷ୍ଟି କର୍‌ବାର୍ ଦିଗେ ଉଲ୍ଲେଖନୀୟ ପଦକ୍ଷେପ୍ ନେଇଛେ । ଭର୍‌ପୁର୍ ପୋଷଣ୍ ଆଉ ଛୁଆବେଲର୍ ପ୍ରାରମ୍ଭିକ୍ ଯତନ୍ ଶିଶୁର ମସ୍ତିଷ୍କ ବିକାଶ୍, ଶିକ୍ଷା ଆଉ ବିଦ୍ୟାଳୟ ଲାଗି ପ୍ରସ୍ତୁତିର୍ ଗୁଟେ ଅସଲ୍ ନିହି ପକେଇଥିସି ।

ଦୃଷ୍ଟିବାଧିତ ଏସିଆ କପ୍ କ୍ରିକେଟ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ବାଂଲାଦେଶ୍‌ର ରାଜ୍‌ଧାନୀ ଢାକା ନ ଆଏବା ନଭେମ୍ବର୍ ମାସର୍ ୧୩ ତାରିଖ୍‌ନୁ ଦୃଷ୍ଟିବାଧିତ ଏସିଆକପ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଖେଲାଯିବା । ଇଥିର୍‌ଲାଗି ୨୪ ଝନିଆ ସମ୍ଭାବ୍ୟ ଭାରତୀୟ ଖେଲାଲି ବଛା ହେଇଛନ୍ । ଇଥି ଓଡ଼ିଶାର୍ ୩ ଝନ୍ ଖେଲାଲି ଦେବ୍‌ରାଜ୍ ବେହେରା, ନକୁଳ ବଡ଼ନାୟକ୍, ସୁଖରାମ୍ ମାଝୀ ଠାନ୍ ପାଇଛନ୍ । ଖେଲାଲିମାନ୍‌କର୍ ଲାଗି ଇ ମାସ ଶେଷ୍ ହପ୍ତା ନ ବେଙ୍ଗାଲୁରୁ ଠାନେ ଗୁଟେ ପ୍ରଶିକ୍ଷଣ୍ ଶିବିର୍ ଆୟୋଜନ୍ କରାଯାଇଛେ ।

ପାଣିପାଗ ଏମ୍.ଇ.ଟି.

ଉତର୍ ପଶ୍ଚିମ ବଙ୍ଗୋସାଗର୍ ଆଉ ତାର୍ ପାଖର୍ ଇଲାକା ନ ସକ୍ରିୟ ଲଘୁଚାପ୍ କ୍ଷେତ୍ର ପଶ୍ଚିମ-ଉତର୍ ପଶ୍ଚିମ ଦିଗ୍ ଦେଇକରି ଉତର୍ ଉପକୂଳ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ଆଡ଼୍‌କେ ଯାଉଛେ । ଇତାର୍ ପ୍ରଭାବଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜିଲ୍ଲା ନ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ଆଏବା ୭ ଦିନ୍‌ତକ୍ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କାନୁ ମଧମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।